ଭାରତୀୟ ଖାଦ୍ୟ ନିଗମ

ବନାମ

ବନ୍ତ ସିଂ ଏବଂ ଅନ୍ୟଜଣେ

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି.ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଭାରତୀୟ ଖାଦ୍ୟ ନିଗମ କର୍ମଚାରୀ ନିୟମାବଳୀ – ନିୟମ 58 (8) – ବିଭାଗୀୟ ତଦନ୍ତ – ପ୍ରତିରକ୍ଷା ସହାୟତା – ଆଇନଜୀବୀଙ୍କୁ ନିଷିଦ୍ଧ କରାଯାଇଥିଲା – କର୍ମଚାରୀ ନିଜେ କିମ୍ବା ନିଗମର ଜଣେ କର୍ମଚାରୀ କିମ୍ବା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ ଜଣେ କର୍ମଚାରୀଙ୍କ ମାଧ୍ୟମରେ ପ୍ରତିରକ୍ଷା କରିପାରିବେ – ଯଦିଓ ସେ ଜଣେ ଆଇନଜୀବୀ ନୁହଁନ୍ତି, ଉଚ୍ଚ ନ୍ୟାୟାଳୟ ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସହାୟତା ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି – ନିର୍ଣ୍ଣୟ କରାଯାଇଥିବା ଅପିଲରେ, ଏହା ପ୍ରକୃତରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିୟମିତ କାର୍ଯ୍ୟଧାରା ଜାରି ରଖିବାକୁ ଅନୁମତି ଦେବା ସହିତ ସମାନ ଅଟେ – ଉଚ୍ଚ ନ୍ୟାୟାଳୟ ଏପରି ନିର୍ଦ୍ଦେଶ ଦେବାରେ ତ୍ରୁଟି କରିଛନ୍ତି – ତଥାପି, ଯେହେତୁ ଉକ୍ତ ସହାୟତା ପୂର୍ବରୁ ଦିଆଯାଇଛି ଏବଂ ତଦନ୍ତ ସମାପ୍ତ ହୋଇଛି, ତଦନ୍ତକୁ ପୁନର୍ବାର ଖୋଲିବାର ଆବଶ୍ୟକତା ନାହିଁ – ତେଣୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ହସ୍ତକ୍ଷେପ କରାଗଲାନାହିଁ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 4432/1997 ।

ସି.ଡବ୍ଲ୍ୟୁ.ପି. ସଂଖ୍ୟା 18180/1996 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 19.12.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ୱାଇ.ପି. ରାଓ ।

ଉତ୍ତରଦାତାମାନଙ୍କ ପାଇଁ ପ୍ରଦୀପ ଗୁପ୍ତା ଏବଂ କେ. କେ. ଗୁପ୍ତା ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଆମେ ପକ୍ଷମାନଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିଛୁ ।

ଏହି ଅପିଲ ସ୍ୱତନ୍ତ୍ର ଅନୁମତି ଦ୍ୱାରା ସିଡବ୍ଲ୍ୟୁପି ସଂଖ୍ୟା 18180/1996 ରେ କରାଯାଇଥିବା ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 19.12.1996 ତାରିଖର ରାୟ ଏବଂ ଆଦେଶରୁ ଉତ୍ପନ୍ନ ହୁଏ ।

**ଭାରତୀୟ ଖାଦ୍ୟ ନିଗମ ବନ୍ତ ସିଂ ଏବଂ ଅନ୍ୟଜଣେ**

ସ୍ୱୀକୃତ ସ୍ଥିତି ହେଉଛି ଯେ, ଉତ୍ତରଦାତାଙ୍କୁ ଜାରି କରାଯାଇଥିବା 1.6.1996 ତାରିଖର ଦୋଷାରୋପ ଫର୍ଦ୍ଦ ଅନୁଯାୟୀ, 20.11.1996 ରେ ତଦନ୍ତ ଅଧିକାରୀ, ଉତ୍ତରଦାତାଙ୍କୁ ତଦନ୍ତରେ ଜଣେ ଅବସରପ୍ରାପ୍ତ କର୍ମଚାରୀ, ଶ୍ରୀ କମଲ କୁମାରଙ୍କୁ ପ୍ରତିରକ୍ଷା ସହାୟକ ଭାବରେ ନିୟୋଜିତ କରିବାକୁ ଅନୁମତି ପ୍ରତ୍ୟାଖ୍ୟାନ କରିଥିଲେ । ଉତ୍ତରଦାତାଙ୍କୁ ନିଜେ କିମ୍ବା ନିଗମର ଜଣେ କର୍ମଚାରୀ କିମ୍ବା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ମାଧ୍ୟମରେ ନିଜକୁ ପ୍ରତିରକ୍ଷା କରିବା ପାଇଁ ହାଜର ହେବାକୁ କୁହାଯାଇଥିଲା । ଉତ୍ତରଦାତା ହାଜର ହୋଇନଥିଲେ । ଅନ୍ୟପକ୍ଷରେ, ଏହା ଯୁକ୍ତି କରି ଯେ, ଭାରତୀୟ ଖାଦ୍ୟ ନିଗମର ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସହାୟତା ପାଇବାକୁ ହକଦାର ସେ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ । ଉଚ୍ଚ ନ୍ୟାୟଳୟ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପ୍ରତିରକ୍ଷା ସହାୟତା ଭାବରେ ନିୟୋଜିତ କରିବାକୁ ଉତ୍ତରଦାତାଙ୍କୁ ଅନୁମତି ଦେବାକୁ ନିଗମକୁ ନିର୍ଦ୍ଦେଶ ଦେଇ ଏହି ରିଟ୍ ଆବେଦନକୁ ଅନୁମତି ଦେଇଛନ୍ତି । ପ୍ରଶ୍ନ ହେଉଛି: ଉଚ୍ଚ ନ୍ୟାୟାଳୟ ଏହି ନିର୍ଦ୍ଦେଶ ଦେବାରେ ଠିକ କି ? ଏହା ସତ୍ୟ ଯେ, ବିଭାଗ ଦ୍ୱାରା କରାଯାଇଥିବା ତଦନ୍ତରେ, କର୍ତ୍ତବ୍ୟଭ୍ରଷ୍ଟ ବ୍ୟକ୍ତି ନିଗମର କର୍ମଚାରୀ କିମ୍ବା କେନ୍ଦ୍ର ସରକାର କିମ୍ବା ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସହାୟତା ସମେତ ନିଜକୁ ପ୍ରତିରକ୍ଷା କରିବା ପାଇଁ ଏକ ଯୁକ୍ତିଯୁକ୍ତ ସୁଯୋଗ ପାଇବାକୁ ହକଦାର ଅଟନ୍ତି । ଭାରତୀୟ ଖାଦ୍ୟ ନିଗମ କର୍ମଚାରୀ ନିୟମାବଳୀର ନିୟମ 58 (୪), ଯାହା ନିମ୍ନୋକ୍ତ ଭାବରେ ସ୍ୱୀକାର୍ଯ୍ୟ କରାଯାଇଛି:

> "58(୪) କର୍ମଚାରୀ ନିଜ ତରଫରୁ ମାମଲା ଉପସ୍ଥାପନ କରିବା ପାଇଁ ନିଗମର ଅନ୍ୟ କୌଣସି କର୍ମଚାରୀ କିମ୍ବା କୌଣସି ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ସହାୟତା ନେଇପାରିବେ, କିନ୍ତୁ ଯଦି ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଯୁକ୍ତ ଉପସ୍ଥାପକ ଅଧିକାରୀ ଜଣେ ଆଇନଜୀବୀ ନୁହଁନ୍ତି , କିମ୍ବା, ଶୃଙ୍ଖଳାଗତ କର୍ତ୍ତୃପକ୍ଷ, ମାମଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଅନୁମତି ଦିଅନ୍ତି ସେ ଏହି ଉଦ୍ଦେଶ୍ୟରେ ଜଣେ ଆଇନଜୀବୀଙ୍କୁ ନିୟୋଜିତ କରିପାରିବେ ନାହିଁ ।"

ଏହାର ଏକ ବ୍ୟାଖ୍ୟା ସ୍ପଷ୍ଟ ଭାବରେ ସୂଚିତ କରିବ ଯେ, କର୍ତ୍ତବ୍ୟଭ୍ରଷ୍ଟଙ୍କ ବିରୋଧରେ କରାଯାଇଥିବା ବିଭାଗୀୟ ତଦନ୍ତରେ ଜଣେ କର୍ମଚାରୀ ନିଜେ କିମ୍ବା ନିଗମର କିମ୍ବା କେନ୍ଦ୍ର ସରକାରଙ୍କ କିମ୍ବା ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ମାଧ୍ୟମରେ ନିଜକୁ ପ୍ରତିରକ୍ଷା କରିବାର ସୁଯୋଗ ପାଇବାକୁ ହକଦାର ଅଟନ୍ତି । ଜଣେ ଆଇନଜୀବୀଙ୍କୁ ଶୃଙ୍ଖଳାଗତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ହାଜର ହେବାକୁ ବାରଣ କରାଯାଇଛି । ଏହି ପରିସ୍ଥିତିଗୁଡ଼ିକରେ, ଯଦିଓ ସେ, ଯିଏ କର୍ତ୍ତବ୍ୟଭ୍ରଷ୍ଟଙ୍କୁ ସାହାଯ୍ୟ କରିବାକୁ ହାଜର ହେବାକୁ ବାରଣ କରାଯାଇଛନ୍ତି, ଜଣେ ଆଇନଜୀବୀ ନୁହଁନ୍ତି, ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସହାୟତା ନେବାକୁ ଉତ୍ତରଦାତାଙ୍କୁ ଅନୁମତି ଦେବା ପାଇଁ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ବାସ୍ତବରେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ନିୟମିତ କାର୍ଯ୍ୟଧାରା ଜାରି ରଖିବାକୁ ଅନୁମତି ଦେବା ସହିତ ସମାନ । ଏଭଳି ନିର୍ଦ୍ଦେଶ ଦେବାରେ ଉଚ୍ଚ ନ୍ୟାୟଳୟ ତ୍ରୁଟି କରିଛନ୍ତି ।

ତେବେ, ଏହା କୁହାଯାଇଛି ଯେ, ଉଚ୍ଚ ନ୍ୟାୟଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ଜଣେ ଅବସରପ୍ରାପ୍ତ କର୍ମଚାରୀଙ୍କ ସହାୟତା ପୂର୍ବରୁ ଦିଆଯାଇଥିଲା ଏବଂ ତଦନ୍ତ ଶେଷ ହୋଇଥିଲା । ଯଦି ଏହା ହୋଇଛି, ତେବେ ତଦନ୍ତକୁ ପୁନର୍ବାର ଖୋଲିବାର ଆବଶ୍ୟକତା ନାହିଁ । ମାମଲାର ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିରେ, ଆମେ ଉଚ୍ଚ ନ୍ୟାୟଳୟଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶରେ ହସ୍ତକ୍ଷେପ କରିବାକୁ ଚାହୁଁନାହୁଁ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ